must not write on this margin.

# PART—II / PAPER—VII

# GEOGRAPHY

# ଭୂଗୋଳ

# PAPER—II

**Time : 3 Hours**

ସମୟ : ୩ ଘଣ୍ଟା

**Full Marks : 250**

ପୂର୍ଣ୍ଣ ସଂଖ୍ୟା : ୨୫୦

*The question paper contains* **18 (Eighteen)** *questions in* **GROUP—A, (12)** *and* **GROUP—B, (06)** *together.*

ପ୍ରତ୍ୟେକ ପ୍ରଶ୍ନପତ୍ରରେ **GROUP—A, (12)** ଏବଂ **GROUP—B, (06)**କୁ ମିଶାଇ **18**ଟି ପ୍ରଶ୍ନ ରହିଛି ।

## GROUP—A

## ଗ୍ରୁପ୍—A

*Candidates to attempt* **10 (ten)** *questions within word limit of* **250.**

*Each question carries* **15** *marks.*

ପରୀକ୍ଷାର୍ଥୀମାନେ ୧୦ଟି ପ୍ରଶ୍ନ ୨୫୦ ଶବ୍ଦ ମଧ୍ୟରେ ଉତ୍ତର ଦେବେ ।

ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୧୫ ମାର୍କ ।

1. What are the different factors which influenced the decision to establish the steel industry in a peninsular Indian State? Analyse.

   କେଉଁ ଉପାଦନଗୁଡ଼ିକ ଏକ ଉପଦ୍ୱୀପୀୟ ଭାରତୀୟ ରାଜ୍ୟରେ ଇସ୍ପାତ ଶିଳ୍ପ ପ୍ରତିଷ୍ଠା ନିଷ୍ପତ୍ତିକୁ ପ୍ରଭାବିତ କରିଛି ତାହା ବିଶ୍ଳେଷଣ କର ।

[ P.T.O.

2. Discuss the population growth and distribution of India and what are the major responsible factors of uneven distribution and their impacts on regional pressure. Analyse the possible political and electoral consequences.

ଭାରତରେ ଜନସଂଖ୍ୟା ବୃଦ୍ଧି ଓ ବଣ୍ଟନ ବିଷୟରେ ଆଲୋଚନା କର ଏବଂ ଅସମାନ ବଣ୍ଟନର ପ୍ରମୁଖ କାରଣଗୁଡ଼ିକ କ'ଣ ଓ ଆଞ୍ଚଳିକ ଚାପ ଉପରେ ସେମାନଙ୍କର ପ୍ରଭାବ ଦର୍ଶାଅ । ସମ୍ଭାବ୍ୟ ରାଜନୈତିକ ଓ ନିର୍ବାଚନ ସଂବନ୍ଧୀୟ ପରିଣାମ ସଂପର୍କରେ ବ୍ୟାଖ୍ୟା କର ।

3. Analyse the significant challenges faced in managing its diverse international land borders of India, which include long-standing territorial disputes, porous borders and varied terrain.

ଭାରତ ବିବିଧ ଆନ୍ତର୍ଜାତୀୟ ସ୍ଥଳ ସୀମା ପରିଚାଳନାରେ ସମ୍ମୁଖୀନ ହେଉଥିବା ଗୁରୁତ୍ୱପୂର୍ଣ୍ଣ ଆହ୍ୱାନଗୁଡ଼ିକୁ ବିଶ୍ଳେଷଣ କର ଯହିଁରେ ଦୀର୍ଘକାଳୀନ କ୍ଷେତ୍ରୀୟ ବିବାଦ, ଉନ୍ମୁକ୍ତ ସୀମା ଏବଂ ବିବିଧ ଭୂଖଣ୍ଡ ଅନ୍ତର୍ଭୁକ୍ତ ।

4. Discuss the different types of soil in India and how they determine the suitability and challenges of the agricultural production and livelihoods of the society in the regions?

ଭାରତରେ ମୃତ୍ତିକା ପ୍ରକାରଭେଦ ସଂପର୍କରେ ଆଲୋଚନା କର ଏବଂ ସେଗୁଡ଼ିକ କିପରି କୃଷି ଉତ୍ପାଦନ ଓ ସମାଜର ଜୀବନ ଜୀବିକା ପାଇଁ ଉପଯୁକ୍ତତା ଓ ଆହ୍ୱାନ ନିର୍ଦ୍ଧାରଣ କରନ୍ତି?

5. As a planner, how can you increase agricultural production and nutrition in India by reducing the use of chemical fertilizers, promoting sustainable agricultural practices and integrating local agro-climatic zones?

ଜଣେ ଯୋଜନାକାରୀ ଭାବେ ତୁମେ ରାସାୟନିକ ସାର ବ୍ୟବହାର ହ୍ରାସ କରି, ସ୍ଥାୟୀ କୃଷି ପଦ୍ଧତିକୁ ପ୍ରୋତ୍ସାହିତ ପୂର୍ବକ ଓ ସ୍ଥାନୀୟ କୃଷି-ଜଳବାୟୁ କ୍ଷେତ୍ରଗୁଡ଼ିକୁ ଏକୀକୃତ କରି ଭାରତରେ କୃଷି ଉତ୍ପାଦନ ଏବଂ ପୌଷ୍ଟିକତା କିପରି ବୃଦ୍ଧି କରିପାରିବ?

6. Explain the historical concentration of the cotton textile industry in the Deccan regions of India and highlighting the interplay of geographical and non-geographical factors.

ଭାରତର ଡେକାନ୍ ଅଞ୍ଚଳରେ କପା ବସ୍ତ୍ର ଶିଳ୍ପ ଐତିହାସିକଭାବରେ କାହିଁକି କେନ୍ଦ୍ରୀଭୂତ ତାହା ବ୍ୟାଖ୍ୟା କର ଏବଂ ଏହାର ଭୌଗୋଳିକ ଓ ଅଣ-ଭୌଗୋଳିକ କାରଣଗୁଡ଼ିକର ପାରସ୍ପରିକ ପ୍ରତିକ୍ରିୟା ଆଲୋଚନା କର ।

Candidate must not write on this margin.

7. What are the morphological characteristics of the rural-urban fringe in rapidly expanding Indian metropolises and what are the problems and planning prospects of this unplanned sprawl?

ଭାରତୀୟ ମହାନଗର ଗୁଡ଼ିକରେ ଦ୍ରୁତ ଗତିରେ ବିସ୍ତାରିତ ହେଉଥିବା ଗ୍ରାମୀଣ-ସହରାଞ୍ଚଳ ସୀମାର ଆକୃତିଗତ ବୈଶିଷ୍ଟ୍ୟଗୁଡ଼ିକ କ'ଣ ଏବଂ ଏହି ଅଣଯୋଜନାକୃତ ବିସ୍ତାରର ସମସ୍ୟା ଓ ଯୋଜନାର ସମ୍ଭାବନା କ'ଣ?

Candidate must not write on this margin.

8. Explain the spatial distribution and production of primary mineral and energy resources of India and how they particularly contribute to the development of Odisha?

ଭାରତର ପ୍ରାଥମିକ ଖଣିଜ ଏବଂ ଶକ୍ତି ସମ୍ପଦର ସ୍ଥାନିକ ବଣ୍ଟନ ଏବଂ ଉତ୍ପାଦନ ବ୍ୟାଖ୍ୟା କର ଓ ଏହା ବିଶେଷ ଭାବରେ ଓଡ଼ିଶାର ବିକାଶରେ କି ପ୍ରକାର ସହାୟକ ହୁଏ?

9. Discuss the significance of the coastal plains, particularly their role as hinterlands for ports and their contribution to economic development.

ଉପକୂଳବର୍ତ୍ତୀ ସମତଳ ଭୂମିର ଗୁରୁତ୍ୱ, ବିଶେଷକରି ବନ୍ଦର ପାଇଁ ଆଭ୍ୟନ୍ତରୀଣ ଅଞ୍ଚଳ ଭାବେ ସେଗୁଡ଼ିକର ଭୂମିକା ଏବଂ ଆର୍ଥିକ ବିକାଶରେ ସେମାନଙ୍କ ଅବଦାନ ବିଷୟରେ ଆଲୋଚନା କର ।

10. Describe the types of migration and how they create various pressures in different parts of India. Provide your valuable planning for controlling migration and managing resource pressure.

ପ୍ରବାସର ପ୍ରକାର ବର୍ଣ୍ଣନା କର ଏବଂ ସେଗୁଡ଼ିକ କିପରି ଭାରତର ଅନେକ ସ୍ଥାନରେ ବିଭିନ୍ନ ଚାପ ସୃଷ୍ଟି କରନ୍ତି? ପ୍ରବାସ ନିୟନ୍ତ୍ରଣ ଏବଂ ସମ୍ବଳଚାପ ପରିଚାଳନା ପାଇଁ ତୁମର ମୂଲ୍ୟବାନ ଯୋଜନା ଉଲ୍ଲେଖ କର ।

11. Discuss the major tribes in central India and elaborate on the various obstacles in the development of tribals with special reference to the Kalahandi region in the current scenario.

କେନ୍ଦ୍ରୀୟ ଭାରତର ପ୍ରମୁଖ ଜନଜାତି ବିଷୟରେ ବ୍ୟାଖ୍ୟା କର ଏବଂ ବର୍ତ୍ତମାନର ପରିସ୍ଥିତିରେ କଳାହାଣ୍ଡି ଅଞ୍ଚଳକୁ ବିଶେଷ ଭାବରେ ଉଲ୍ଲେଖ କରି ଆଦିବାସୀଙ୍କ ବିକାଶରେ ଥିବା ବିଭିନ୍ନ ପ୍ରତିବନ୍ଧକ ବିଷୟରେ ବିସ୍ତୃତ ଭାବେ ଆଲୋଚନା କର ।

12. Describe the major food crops and their productivity pattern in India and analyse the impacts of modernization on agriculture productivity and cropping patterns.

ଭାରତର ପ୍ରମୁଖ ଖାଦ୍ୟ ଫସଲ ଓ ସେଗୁଡ଼ିକର ଉତ୍ପାଦକତା ପ୍ରଣାଳୀ ବର୍ଣ୍ଣନା କର ଏବଂ କୃଷି ଉତ୍ପାଦକତା ଓ କୃଷି ପ୍ରଣାଳୀ ଉପରେ ଆଧୁନିକୀକରଣର ପ୍ରଭାବ ବିଶ୍ଳେଷଣ କର ।

## GROUP—B

## ଗ୍ରୁପ୍—B

*Candidates to attempt* **05** ***(five)*** *questions within word limit of* **300.**

*Each question carries* **20** *marks.*

ପରୀକ୍ଷାର୍ଥୀମାନେ ୦୫ଟି ପ୍ରଶ୍ନ ୩୦୦ ଶବ୍ଦ ମଧ୍ୟରେ ଉତ୍ତର ଦେବେ ।

ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୨୦ ମାର୍କ।

**13.** Describe the complementary relationship between the transport network and the economy. Elaborate the role of road and rail networks in ensuring balanced regional development of India.

ପରିବହନ ବ୍ୟବସ୍ଥା ଓ ଅର୍ଥନୀତି ମଧ୍ୟରେ ଥିବା ପରିପୂରକ ସମ୍ପର୍କ ଉଲ୍ଲେଖ କର । ଭାରତର ସନ୍ତୁଳିତ ଆଞ୍ଚଳିକ ବିକାଶ ସୁନିଶ୍ଚିତ କରିବାରେ ସଡକ ଏବଂ ରେଳ ବ୍ୟବସ୍ଥାର ଭୂମିକା ବିଷୟରେ ବିସ୍ତୃତ ଭାବେ ଆଲୋଚନା କର ।

**14.** Discuss the natural and anthropogenic factors that contribute to landslides in India and evaluate India's National Landslide Risk Management strategy and discuss its strengths and weaknesses.

ଭାରତରେ ଭୂସ୍ଖଳନ ପାଇଁ ଦାୟୀ ଥିବା ପ୍ରାକୃତିକ ଓ ମାନବ କୃତ କାରକଗୁଡ଼ିକ ବିଷୟରେ ଆଲୋଚନା ପୂର୍ବକ ଭାରତର ଜାତୀୟ ଭୂସ୍ଖଳନ ବିପଦ ପରିଚାଳନା ରଣନୀତି ସହ ଏହାର ଦକ୍ଷତା ଓ ଦୁର୍ବଳତା ବିଷୟରେ ବିଶ୍ଳେଷଣ କର ।

**15.** Critically evaluate the effectiveness of the Integrated Watershed Management Programme in improving the sustainable natural resource management and diversifying rural livelihoods in India and Odisha.

ଭାରତ ଏବଂ ଓଡ଼ିଶାରେ ସ୍ଥାୟୀ ପ୍ରାକୃତିକ ସମ୍ପଦ ପରିଚାଳନା ଏବଂ ଗ୍ରାମୀଣ ଜୀବିକା ବିବିଧୀକରଣରେ ସମନ୍ୱିତ ଜଳଛାୟା ପରିଚାଳନା କାର୍ଯ୍ୟକ୍ରମର ପ୍ରଭାବକୁ ସମାଲୋଚନାତ୍ମକ ମୂଲ୍ୟାଙ୍କନ କର ।

**16.** Discuss the current state of municipal solid waste management in urban India, highlighting the key challenges related to collection efficiency, treatment capacity and unscientific disposal practices.

ସଂଗ୍ରହ ଦକ୍ଷତା, ଉପଚାର କ୍ଷମତା ଓ ଅବୈଜ୍ଞାନିକ ନିଷ୍କାସନ ପଦ୍ଧତି ସହ ଜଡ଼ିତ ପ୍ରମୁଖ ଆହ୍ୱାନଗୁଡ଼ିକ ଉପରେ ଆଲୋକପାତ କରି ଭାରତରେ ସହରାଞ୍ଚଳ ପୌର କଠିନ ବର୍ଜ୍ୟବସ୍ତୁ ପରିଚାଳନାର ବର୍ତ୍ତମାନ ସ୍ଥିତି ଆଲୋଚନା କର ।





Candidate must not write on this margin.

17. Describe the age-sex composition of India and what is the significance and challenges of India's youthful age structure in terms of employment and productivity and how can it be changed to a boon?

ଭାରତର ବୟସ-ଲିଙ୍ଗ ସମ୍ମିଶ୍ରଣ ହାର ବର୍ଣ୍ଣନା କର ଏବଂ ନିଯୁକ୍ତି ଓ ଉତ୍ପାଦକତା ଦୃଷ୍ଟିରୁ ଭାରତୀୟ ଯୁବ ସ୍ତରର ମହତ୍ତ୍ୱ ଓ ଆହ୍ୱାନ କ'ଣ ଏବଂ ଏହାକୁ କିପରି ଏକ ଆଶୀର୍ବାଦରେ ପରିବର୍ତ୍ତନ କରାଯାଇପାରିବ ଦର୍ଶାଅ?

18. **Describe the major geological formations of India and elaborate on this statement: "Odisha's geological landscape is a direct and profound determinant of its resource distribution," using specific examples.**

ଭାରତର ପ୍ରମୁଖ ଭୂତାତ୍ତ୍ୱିକ ଗଠନ ବର୍ଣ୍ଣନା କର । "ଓଡ଼ିଶାର ଭୂତାତ୍ତ୍ୱିକ ଦୃଶ୍ୟପଟ୍ଟ ଏହାର ସମ୍ବଳ ବଣ୍ଟନର ଏକ ପ୍ରତ୍ୟକ୍ଷ ଓ ଗଭୀର ନିର୍ଣ୍ଣାୟକ" । ନିର୍ଦ୍ଦିଷ୍ଟ ଉଦାହରଣ ମାଧ୍ୟମରେ ଏହି ବିବୃତିକୁ ବ୍ୟାଖ୍ୟା କର ।

★★★

**Candidate must not write on this margin.**